# NATIONAL NEWS BULLETIN (ODIA)
## 8 May - 2025
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଜାତୀୟ ନିରାପତ୍ତା ସଂକ୍ରାନ୍ତ ପ୍ରସ୍ତୁତି ଏବଂ ଆନ୍ତଃ ମନ୍ତ୍ରଣାଳୟ ସମନ୍ୱୟ ନେଇ ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ
- ଅପରେସନ୍ ସିନ୍ଦୂରରେ ଭାରତୀୟ ସେନା ଉଚ୍ଚମାନର ଉପକରଣ ବ୍ୟବହାର କରିଛି; କହିଲେ ପ୍ରତିରକ୍ଷା ମନ୍ତ୍ରୀ
- ପାକିସ୍ତାନରେ ପ୍ରସ୍ତୁତ କାର୍ଯ୍ୟକ୍ରମକୁ ଭାରତର ଓଟିଟି ଓ ମିଡିଆ ଷ୍ଟ୍ରିମିଂ ପ୍ଲାଟଫର୍ମରେ ପ୍ରସାରଣ ବନ୍ଦ କରିବାକୁ ସରକାରଙ୍କ ନିର୍ଦ୍ଦେଶ
- ଭାରତ–ୟୁଏଇ ସାଇବର ସୁରକ୍ଷା ମତବିନିମୟ ଦ୍ୱିତୀୟ ସଂସ୍କରଣ ଦୁବାଇଠାରେ ଆୟୋଜିତ

ଏବଂ

- ଆଇପିଏଲ୍ କ୍ରିକେଟରେ ବର୍ଷା ଯୋଗୁଁ ମ୍ୟାଚ୍ ଆରମ୍ଭରେ ଆଜି ହୋଇଛି ବିଳମ୍ବ

# ପିଏମ୍- ହାଇଲେବଲ ମିଟିଂ

ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜାତୀୟ ନିରାପତ୍ତା ସଂକ୍ରାନ୍ତ ପ୍ରସ୍ତୁତି ଏବଂ ଆନ୍ତଃ ମନ୍ତ୍ରଣାଳୟ ସମନ୍ୱୟ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସମୀକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ  ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗର ସଚିବଙ୍କ ଯୋଗ ଦେଇଥିଲେ। ପରିଚାଳନାଗତ ନିରନ୍ତରତା ଏବଂ ଆନୁଷ୍ଠାନିକ ସ୍ଥିରତା ବଜାୟ ରଖିବା ପାଇଁ ମନ୍ତ୍ରଣାଳୟ ଓ ବିଭିନ୍ନ ବିଭାଗ ମଧ୍ୟରେ ନିରବଚ୍ଛିନ୍ନ ସମନ୍ୱୟ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସାମ୍ପ୍ରତିକ ପରିସ୍ଥିତିଜନିତ ଆହ୍ୱାନର ମୁକାବିଲା ନେଇ ଯୋଜନା ଓ ପ୍ରସ୍ତୁତି ସମ୍ପର୍କରେ ଶ୍ରୀ ମୋଦୀ ସମୀକ୍ଷା କରିଛନ୍ତି। ବେସାମରିକ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ଭୁଲ ସୂଚନା ଏବଂ ମିଥ୍ୟା ଖବରର ମୁକାବିଲା ତଥା ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ସୁରକ୍ଷାକୁ ସୁନିଶ୍ଚିତ କରିବା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ରାଜ୍ୟ କର୍ତ୍ତୃପକ୍ଷ ଏବଂ ତୃଣମୂଳସ୍ତରୀୟ ଅନୁଷ୍ଠାନଗୁଡ଼ିକ ସହ ସୁଦୃଢ଼ ସମନ୍ୱୟ ରକ୍ଷା କରିବାକୁ ମନ୍ତ୍ରଣାଳୟଗୁଡ଼ିକୁ ପରାମର୍ଶ ଦିଆଯାଇଛି। ବିଭାଗୀୟ ସଚିବଙ୍କୁ ସେମାନଙ୍କର କାର୍ଯ୍ୟ ପରିସୀମାକୁ ବ୍ୟାପକ କରିବା ନେଇ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ନିରାପତ୍ତା, ପରିଚାଳନାଗତ ପ୍ରସ୍ତୁତି, ଜରୁରୀକାଳୀନ ପଦକ୍ଷେପ ଏବଂ ଆଭ୍ୟନ୍ତରୀଣ ଯୋଗାଯୋଗ ସଂକ୍ରାନ୍ତ ମାର୍ଗଦର୍ଶିକା ଉପରେ ବିଶେଷ ଧ୍ୟାନ ଦେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ

କ୍ୟାବିନେଟ୍ ସଚିବ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ, ପ୍ରତିରକ୍ଷା, ସ୍ୱରାଷ୍ଟ୍ର, ବୈଦେଶିକ ବ୍ୟାପାର, ସୂଚନା ଓ ପ୍ରସାରଣ, ଶକ୍ତି, ସ୍ୱାସ୍ଥ୍ୟ, ଦୂରସଂଚାର ସମେତ ପ୍ରମୁଖ ମନ୍ତ୍ରଣାଳୟ ଏବଂ ବିଭାଗର ସଚିବ ଏହି ବୈଠକରେ ଯୋଗ ଦେଇଥିଲେ।

## ରାଜନାଥ-ସିନ୍ଦୂର

ଅପରେସନ୍ ସିନ୍ଦୂରରେ ଭାରତୀୟ ସଶସ୍ତ୍ର ବାହିନୀ ଉଚ୍ଚମାନର ଉପକରଣ ବ୍ୟବହାର କରିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ଫଳରେ ପାକିସ୍ତାନ ଏବଂ ପାକ୍ ଅଧିକୃତ ଜାମ୍ମୁ-କାଶ୍ମୀରରେ ବହୁ ସଂଖ୍ୟକ ଆତଙ୍କବାଦୀ ନିହତ ହୋଇଛନ୍ତି। ନୂଆଦିଲ୍ଲୀରେ ଆଜି ଆୟୋଜିତ ଜାତୀୟ ଗୁଣବତ୍ତା ସମ୍ମିଳନୀରେ ଯୋଗଦେଇ ଶ୍ରୀ ସିଂ ଦେଶର ସଶସ୍ତ୍ରବାହିନୀର କାର୍ଯ୍ୟ, ସାହସ ଏବଂ ବୀରତ୍ୱର ପ୍ରଶଂସା କରିଛନ୍ତି।

**V/O- Rajnath Singh-Presicion**

ଦେଶର ସାର୍ବଭୌମତ୍ୱ ରକ୍ଷାରେ ସରକାରଙ୍କ ପାଇଁ ସୀମାର କୌଣସି ବାଧକତା ନାହିଁ ବୋଲି ପ୍ରତିରକ୍ଷା ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଭବିଷ୍ୟତର ଆହ୍ୱାନ ପାଇଁ ଭାରତ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ସେ କହିଛନ୍ତି। ଦେଶର ବ୍ୟାପକ ପ୍ରତିରକ୍ଷା ଶିଳ୍ପ ଜଗତ ଏ କ୍ଷେତ୍ରରେ ଅଭୂତପୂର୍ବ ଶକ୍ତି ପ୍ରଦାନ କରୁଛି। ଆସନ୍ତା ୨୦୨୯ ସୁଦ୍ଧା ପ୍ରତିରକ୍ଷା ରପ୍ତାନୀକୁ ୫୦ ହଜାର କୋଟି

ଟଙ୍କାକୁ ବୃଦ୍ଧି କରିବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି।

## ଏମ୍‌ଇଏ ମୋଡ୍ ବ୍ରିଫିଂ ସିନ୍ଦୂର

ବିଶ୍ୱରେ ବିଭିନ୍ନ ଆତଙ୍କବାଦୀ କାର୍ଯ୍ୟକଳାପର କେନ୍ଦ୍ରବିନ୍ଦୁ ପାକିସ୍ତାନ ବୋଲି ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି। ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ମିଶ୍ରି କହିଛନ୍ତି, ପାକିସ୍ତାନ ପକ୍ଷରୁ ସୀମାପାର ବିରୋଧାତ୍ମକ କାର୍ଯ୍ୟର ଭାରତ ସଠିକ ଜବାବ ଦେଉଛି। ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରିପ୍ରେକ୍ଷୀରେ ଭାରତ ପଦକ୍ଷେପ ଗ୍ରହଣ କରିଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ଜାତିସଂଘ ସୁରକ୍ଷା ପରିଷଦରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାରେ 'ଦି ରେଜିଷ୍ଟାନ୍ସ ଫ୍ରଣ୍ଟ–ଟି.ଆର୍.ଏଫ୍.'ର ସମ୍ପୃକ୍ତିକୁ ପାକିସ୍ତାନ ବିରୋଧ କରୁଥିବା ବେଳେ ଟି.ଆର୍.ଏଫ୍. ନିଜେ ଏଥିପାଇଁ ଥରେ ନୁହେଁ ଦୁଇଥର ଦାୟୀ ବୋଲି ଘୋଷଣା କରିସାରିଛି। ବିଶ୍ୱ ଆତଙ୍କବାଦୀ କାର୍ଯ୍ୟକଳାପର ପାକିସ୍ତାନ ପେଣ୍ଠସ୍ଥଳୀ ପାଲଟିଛି ବୋଲି ଶ୍ରୀ ମିଶ୍ରି କହିଛନ୍ତି। ଜାତିସଂଘ ଦ୍ୱାର ତାଲିକାଭୁକ୍ତ ବହୁ ଆତଙ୍କବାଦୀ ଗୋଷ୍ଠୀ ଏବେ ମଧ୍ୟ ପାକିସ୍ତାନରେ ସକ୍ରିୟ ଅଛନ୍ତି ବୋଲି ସେ କହିଛନ୍ତି।

ଏହି ଅବସରରେ ସୂଚନା ଦେଇ କର୍ଣ୍ଣେଲ ସୋଫିଆ କ୍ୟୁରେସି ଏବଂ ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂ କହିଛନ୍ତି, ଭାରତର ଉତ୍ତର ଏବଂ ପଶ୍ଚିମାଞ୍ଚଳର କେତେକ ସାମରିକ ଘାଟି ଉପରେ ପାକିସ୍ତାନ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ମାଧ୍ୟମରେ ଆକ୍ରମଣ କରିବାର ପ୍ରୟାସ କରିଥିଲା । ତେବେ ଭାରତ ପକ୍ଷରୁ ସେଗୁଡ଼ିକୁ ନିଷ୍କ୍ରିୟ କରିଦିଆଯାଇଛି ବୋଲି କର୍ଣ୍ଣେଲ କ୍ୟୁରେସୀ କହିଛନ୍ତି ।

**V/O- SOFIA-QURESHI**

ପ୍ରକୃତ ନିୟନ୍ତ୍ରଣ ରେଖା ପାଖରେ ପାକିସ୍ତାନ ପକ୍ଷରୁ ବାରମ୍ବାର ଗୁଳିଗୋଳା ବର୍ଷଣ କରାଯାଉଛି । କୁପୱାର, ବାରମୂଲା, ଉରି, ପୁଞ୍ଚ୍, ମେନ୍ଧାର ଏବଂ ରାଜୌରୀ ଅଞ୍ଚଳର ବିଭିନ୍ନ ସ୍ଥାନରେ ପାକିସ୍ତାନର ଗୁଳିଗୋଳା ମାଡ଼ରେ ୧୬ ଜଣ ନିରୀହ ନାଗରିକଙ୍କର ମୃତ୍ୟୁ ହୋଇଛି । ସେଥିମଧ୍ୟରୁ ୩ ଜଣ ମହିଳା ଏବଂ ୫ ଜଣ ଶିଶୁ ଅନ୍ତର୍ଭୁକ୍ତ । ଭାରତ ପକ୍ଷରୁ ମଧ୍ୟ ଏହାର ପ୍ରତି ଜବାବ ଦିଆଯାଇଛି ବୋଲି ସେ କହିଛନ୍ତି ।

## ଆଇଆଣ୍ଡବି- ପାକିସ୍ତାନୀ କଣ୍ଟେଣ୍ଟ୍ସ

ପାକିସ୍ତାନରେ ପ୍ରସ୍ତୁତ ୱେବସିରିଜ୍, ଚଳଚ୍ଚିତ୍ର ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ଭିତ୍ତିକ କାର୍ଯ୍ୟକ୍ରମକୁ ଭାରତର ଓଟିଟି ଏବଂ ମିଡିଆ ଷ୍ଟ୍ରିମିଂ ପ୍ଲାଟଫର୍ମରେ ପ୍ରସାରଣ ବନ୍ଦ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରିପ୍ରେକ୍ଷୀରେ ଜାତୀୟ ନିରାପତ୍ତାକୁ ଦୃଷ୍ଟିରେ ରଖି

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଆଜି ଏହି ମାର୍ଗଦର୍ଶିକା ଜାରି କରାଯାଇଛି। ଯେକୌଣସି ଡାଓ୍ଵାରେ ଉପଲବ୍ଧ ହେଉଥିବା ପାକିସ୍ତାନୀ କାର୍ଯ୍ୟକ୍ରମଗୁଡ଼ିକର ପ୍ରସାରଣ ତୁରନ୍ତ ବନ୍ଦ କରିବାକୁ ମନ୍ତ୍ରଣାଳୟ ପରାମର୍ଶ ଦେଇଛି।

# ଜିଆଇଏସ୍ଇସି ଗ୍ଲୋବାଲ-୨୦୨୫

ଭାରତର ତଥ୍ୟ ସୁରକ୍ଷା ପରିଷଦ– ଡି.ଏସ୍.ସି.ଆଇ ଦୁବାଇରେ ଭାରତ–ୟୁ.ଏ.ଇ. ସାଇବର ସୁରକ୍ଷା ମତବିନିମୟରେ ଦ୍ଵିତୀୟ ସଂସ୍କରଣ ଆୟୋଜନ କରିଛି। ଡିଜିଟାଲ ସୁରକ୍ଷା କ୍ଷେତ୍ରରେ ଦ୍ଵିପାକ୍ଷିକ ସହଯୋଗକୁ ଏହା ଅଧିକ ସୁଦୃଢ଼ କରିଛି। ଦୁବାଇ ବିଶ୍ୱ ବାଣିଜ୍ୟ କେନ୍ଦ୍ରଠାରେ ଜି.ଆଇ.ଏସ୍.ଇ.ସି. ଗ୍ଲୋବାଲ-୨୦୨୫ ସହିତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଭୟ ଦେଶରେ ସାଇବର ସୁରକ୍ଷା ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରମୁଖ ବ୍ୟକ୍ତି ବିଶେଷ ଓ ଅଂଶୀଦାରଙ୍କୁ ଏହା ଏକ ମିଳିତ ମଞ୍ଚ ପ୍ରଦାନ କରିଛି। ଇଣ୍ଡିଆ ପ୍ୟାଭିଲିୟନରେ ୧୫ରୁ ଅଧିକ ଭାରତୀୟ କମ୍ପାନୀ ତଥ୍ୟ ଗୋପନୀୟତା, ସୁରକ୍ଷା କାର୍ଯ୍ୟକଳାପ, କ୍ୱାଣ୍ଟମ ଟେକ୍ନୋଲୋଜି, ଗୁଇନ୍ଦା କ୍ଷେତ୍ର ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ନିଜର ମତ ଉପସ୍ଥାପନ କରିଥିଲେ। ଏଥିରେ ଯୋଗଦେଇ ଦୁବାଇସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ କାର୍ଯ୍ୟାଳୟର ଅର୍ଥନୈତିକ, ବ୍ୟବସାୟ, ବାଣିଜ୍ୟ ଓ ଶିକ୍ଷା ଅଧିକାରୀ ବି.ଜି.କ୍ରିଷ୍ଣନ ବିଶ୍ୱ ସାଇବର ସୁରକ୍ଷା ଆହ୍ୱାନ ଉପରେ

ଆଲୋକପାତ କରିଥିଲେ। ଏହି ତିନିଦିନିଆ ସମ୍ମିଳନୀ ଆଜି ଶେଷ ହେଉଛି।

## ଇରାନ-ଏଫ୍‌ଏମ୍ ପ୍ରେସିଡେଣ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଇରାନର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ସୟଦ ଆବାସ ଅର୍ଘାଚି ନୂଆଦିଲ୍ଲୀଠାରେ ଆଜି ସାକ୍ଷାତ ଆଲୋଚନା କରିଛନ୍ତି। ଚବାହର ବନ୍ଦରର ଗୁରୁତ୍ୱକୁ ଉପଲବ୍ଧି କରି ଦୁଇ ଦେଶ ମଧ୍ୟରେ ସୁଦୃଢ଼ ସମ୍ପର୍କକୁ ରାଷ୍ଟ୍ରପତି ଉଚ୍ଚ ପ୍ରଶଂସା କରିଛନ୍ତି। ଆଞ୍ଚଳିକ ଶାନ୍ତି, ସ୍ଥିରତା ଏବଂ ବିକାଶ କ୍ଷେତ୍ରରେ ଉଭୟ ଦେଶ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି। ଡକ୍ଟର ଅର୍ଘାଚିଙ୍କ ଭାରତ ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବ ବୋଲି ରାଷ୍ଟ୍ରପତି ଆଶାପ୍ରକାଶ କରିଛନ୍ତି।

## ଜୟଶଙ୍କର- ଇରାନ୍ ଏଫ୍‌ଏମ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର କହିଛନ୍ତି, ପାକିସ୍ତାନ ସହ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଭାରତର ଉଦ୍ଦେଶ୍ୟ ନୁହେଁ। ତେବେ ସାମରିକ ଆକ୍ରମଣ କ୍ଷେତ୍ରରେ ଦୃଢ଼ ଜବାବ ଦିଆଯିବ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି। ନୂଆଦିଲ୍ଲୀରେ ଭାରତ-ଇରାନ୍ ବିଂଶତମ ଯୁଗ୍ମ ଆୟୋଗ ବୈଠକରେ ଇରାନ୍‌ର ବୈଦେଶିକ ମନ୍ତ୍ରୀ ଡକ୍ଟର ସୟଦ ଆବାସ ଅର୍ଘାଚିଙ୍କ ସହ ସହ-ଅଧ୍ୟକ୍ଷତା କରି ଡକ୍ଟର ଜୟଶଙ୍କର ଏହା କହିଛନ୍ତି।

ପହଲଗାମ ଆତଙ୍କାବଦୀ ଆକ୍ରମଣ ଘଟଣା ଭାରତକୁ ସୀମାପାର ଆତଙ୍କବାଦୀ ଭିତ୍ତିଭୂମି ଉପରେ ଆକ୍ରମଣ କରିବାକୁ ବାଧ୍ୟ କରିଥିଲା। ଡକ୍ଟର ଜୟଶଙ୍କର କହିଛନ୍ତି, ଶ୍ରୀ ଅର୍ଘାଚି ଏଭଳି ଏକ ସମୟରେ ଭାରତ ଗସ୍ତରେ ଆସିଛନ୍ତି, ଯେତେବେଳେ ଭାରତ ଏକ ଅମାନୁଷିକ ଆତଙ୍କବାଦୀ ଆକ୍ରମଣର ଜବାବ ଦେଉଛି। ଏକ ପଡ଼ୋଶୀ ଏବଂ ଘନିଷ୍ଠ ସହଯୋଗୀ ଭାବରେ ତେହରାନ ଏହି ପରିସ୍ଥିତି ଭଲଭାବରେ ହୃଦୟଙ୍ଗମ କରିବା ଦରକାର ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି।  ଉଭୟ ଦେଶ କୂଟନୈତିକ ସମ୍ପର୍କର ୭୫ତମ ବାର୍ଷିକୀ ପାଳନ କରୁଛି। ଶ୍ରୀ ଅର୍ଘାଚି ଇରାନର ବୈଦେଶିକ ବ୍ୟାପାର ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ହେଉଛି ତାଙ୍କର ପ୍ରଥମ ଭାରତ ଗସ୍ତ।

## ପିଏମ୍-ବ୍ରାଜିଲ ପ୍ରେଜ୍

ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡେ ସିଲ୍‌ଭା ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଆଜି ଟେଲିଫୋନ୍ ବାର୍ତ୍ତାଳାପରେ ରାଷ୍ଟ୍ରପତି ସିଲଭା ଆତଙ୍କବାଦ ବିରୁଦ୍ଧରେ ଭାରତର ପଦକ୍ଷେପକୁ ଦୃଢ଼ ସମର୍ଥନ କରିଛନ୍ତି। ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଉଭୟ ନେତା ମତବିନିମୟ କରିଛନ୍ତି। ଚଳିତ ବର୍ଷ ବ୍ରିକ୍ସର ସଫଳ ଅଧ୍ୟକ୍ଷତା ପାଇଁ ଶ୍ରୀ ମୋଦୀ ରାଷ୍ଟ୍ରପତି ସିଲ୍‌ଭାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଅଟଳ ପେନସନ୍ ଯୋଜନା

ଗତ ମାସ ଶେଷ ସୁଦ୍ଧା ୭ କୋଟି ୬୫ ଲକ୍ଷ ହିତାଧିକାରୀଙ୍କ ସହ ଅଟଳ ପେନସନ୍ ଯୋଜନା ୪୬ ହଜାର କୋଟି ଟଙ୍କା ପାଣ୍ଠି ସହ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଦେଶର ଅଣସଂଗଠିତ କ୍ଷେତ୍ରର ଶ୍ରମିକଙ୍କ ପାଇଁ ଏହି ଯୋଜନା ଅଧୀନରେ ୧ ହଜାରରୁ ୫ ହଜାର ପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ ପେନସନ୍ ଅର୍ଥରାଶି ପ୍ରଦାନ କରାଯାଇଥାଏ। ଏହି ଯୋଜନାରେ ସାମିଲ ହୋଇଥିବା ଶ୍ରମିକଙ୍କ ମଧ୍ୟରୁ ୪୮ ପ୍ରତିଶତ ହେଉଛନ୍ତି ମହିଳା। ପେନସନ୍ ଅର୍ଥରାଶି ପାଇଁ ସର୍ବନିମ୍ନ ସମୟସୀମା ୨୦ ବର୍ଷ ରହିଛି। ପେନସନ୍ ପାଣ୍ଠି ନିୟାମକ ଓ ବିକାଶ ପ୍ରାଧିକରଣ ଦ୍ୱାରା ପରିଚାଳିତ ଏହି ଯୋଜନା ଦେଶର ସାମାଜିକ ସୁରକ୍ଷା ଇକୋ ସିଷ୍ଟମର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିଛି।

# ଉତ୍ତରକାଶୀ ହେଲିକପ୍ଟର କ୍ରାସ୍

ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାର ଗଙ୍ଗାନୀଠାରେ ଏକ ହେଲିକପ୍ଟର ଦୁର୍ଘଟଣାର ୬ଜଣ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ହୋଇଛି । ଆଜି ସକାଳେ ଘଟିଥିବା ଏହି ଦୁର୍ଘଟଣାରେ ଜଣେ ଆହତ ହୋଇଥିବା ସୂଚନା ମିଳିଛି । ତାଙ୍କୁ ଏୟାର ଆମ୍ବୁଲାନ୍ସ ମାଧ୍ୟମରେ ଏମ୍ସ ରିଶିକେଶ୍‌କୁ ସ୍ଥାନାନ୍ତର କରାଯାଇଛି। ମୃତକଙ୍କ ମଧ୍ୟରେ ମୁମ୍ବାଇର ତିନି ଜଣ, ଉତ୍ତରପ୍ରଦେଶର

ବରେଲୀ, ଆନ୍ଧ୍ରପ୍ରଦେଶ ଏବଂ ଗୁଜୁରାଟର ବଦୋଦରାର ଜଣେ ଲେଖାଏଁ ବ୍ୟକ୍ତି ଅଛନ୍ତି।

ଏହି ଦୁର୍ଘଟଣାରେ ରାଜ୍ୟପାଳ ଗୁରୁମିତ ସିଂ ଏବଂ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ସହ ଆହତଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସହାୟତା ପ୍ରଦାନ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

# ଆଇପିଏଲ୍

ଆଇପିଏଲ୍ ଟି-ଟ୍ୱେଣ୍ଟି କ୍ରିକେଟରେ ପଞ୍ଜାବ କିଙ୍ଗସ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଆଉ କିଛି ସମୟ ପରେ ମୁକାବିଲା ଆରମ୍ଭ ହେବ । ତେବେ ଧର୍ମଶାଳାରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ବର୍ଷା ଯୋଗୁଁ ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଆରମ୍ଭ ହୋଇନଥିଲା।

ପଞ୍ଜାବ କିଙ୍ଗ୍ସ ୧୧ଟି ମ୍ୟାଚ୍‌ରୁ ୭ଟି ବିଜୟ ସହ ୧୫ ପଏଣ୍ଟ ହାସଲ କରି ପଏଣ୍ଟ ତାଲିକାର ତୃତୀୟ ସ୍ଥାନରେ ଥିବାବେଳେ ଦିଲ୍ଲୀ କ୍ୟାପିଟାଲ୍ସ ୧୧ଟି ମ୍ୟାଚ୍‌ରୁ ୬ଟି ବିଜୟ ସହ ୧୩ ପଏଣ୍ଟ ପାଇ ତାଲିକାର ପଞ୍ଚମ ସ୍ଥାନରେ ରହିଛି । ପ୍ଲେଅଫ୍‌ରେ ସ୍ଥାନ ସୁରକ୍ଷିତ କରିବା ପାଇଁ ଉଭୟ ଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମୁକାବିଲା ହେବାର ଆଶା କରାଯାଉଛି ।